## ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ

ପାରଳାଖେମୁଣ୍ଡି,(ଡି.ଏନ୍.ଏ.)- କାଶୀନଗର ବ୍ଲକ ଅନ୍ତର୍ଗତ ରାଣୀପେଣ୍ଠାରେ ଥିବା ୟୁ.ଜି. ଉଚ୍ଚ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଉଭୟ ପକ୍ଷରୁ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ପୃଥକ ଭାବେ ନଂ.୧୮୪,୧୮୫/୨୨ରେ ଦୁଇଟି ମାମଲା ରୁଜୁ କରାଯାଇଛି। ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଏଲ.ନୀଳାବେଣୀଙ୍କ ବିଶୃଙ୍ଖଳିତ କାର୍ଯ୍ୟକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଏସ୍.ମଣିମାଳା ଗତ ଅଗଷ୍ଟରେ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏ ନେଇ ଜିଲା ଶିକ୍ଷାଧିକାରୀ ନୀଳାବେଣୀଙ୍କ ଗୋଟିଏ ଦିନର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ସହକାରୀ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହ ମାର୍‌ପିଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ପୂର୍ବତନ ଉପ ନଗରପାଳଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୯।୯(ଡି.ଏନ.ଏ.):ଦିଗପହଣ୍ଡି ପୋଲିସ ଶୁକ୍ରବାର ଦିଗପହଣ୍ଡି ନୂଆସାହି ବାଲାଜୀ ନଗରର ଏସ. ଗାଣ୍ଡୁ ରେଡ୍ଡୀଙ୍କୁ କୋର୍ଟ ଚାଲାଣ କରିଛି। ଗତ ବୁଧବାର ନୂଆସାହି ଛକରେ ମା' ଫୁଲ ସୁନ୍ଦରୀଙ୍କ ବାର୍ଷିକ ଯାତ୍ରା ଅବସରରେ ମେଲୋଡି ଚାଲିଥିବା ବେଳେ ଅଭିଯୁକ୍ତ ଗୀତ ଗାଉଥିବା କଳାକାର ମାନଙ୍କୁ ଅସଦାଚରଣ କରିବା ସହ ଷ୍ଟେଜ ଉପରକୁ ଟେକା ପଥର ଫୋପାଡିବାରୁ କଳାକାର ଏବଂ ଦର୍ଶକମାନେ ଦୌଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଯାତ୍ରା କମିଟିର ସଭାପତି ତଥା ଏନ୍ଏସିର ପୂର୍ବତନ ଉପନଗରପାଳ ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ।

### ଚୋରି ଟ୍ରାକ୍ଟର ଉଦ୍ଧାର,୩ ଗିରଫ

ଭଞ୍ଜନଗର,୯।୯(ଡି.ଏନ.ଏ):ବେଲଗୁଣ୍ଠା ଥାନା ଅନ୍ତର୍ଗତ ଚଢ଼େୟାପଲ୍ଲୀରୁ ଗତ ୩ ତାରିଖରେ ଏକ ଟ୍ରାକ୍ଟର ଚୋରି ହୋଇଥିଲା। ଏ ନେଇ ପୋଲିସ ନଂ. ୨୬୭/୨୨ରେ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍‌କୁ ଆଧାର କରି ଘଟଣାର ତଦନ୍ତ ଚଳାଇଥିଲା। ଶୁକ୍ରବାର ଏହି ମାମଲାରେ ପୋଲିସ ଭଞ୍ଜନଗର ଥାନା ଅଞ୍ଚଳର ୩ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଲୁଟ୍ ଟ୍ରାକ୍ଟର ଓ ଚୋରିରେ ବ୍ୟବହୃତ ବୁଲେଟ୍ ଜବତ କରାଯାଇଛି।

### ସ୍ୱେଚ୍ଛାସେବୀ ଅନ୍ୱେଷଣ କାର୍ଯ୍ୟକ୍ରମ

ବଲସକୁମ୍ପା,୯।୯-ଖଜୁରିପଡ଼ା ବ୍ଲକର ବଲସକୁମ୍ପା ପଞ୍ଚାୟତ ଅନ୍ତର୍ଗତ ବଲସକୁମ୍ପା ସରକାରୀ ହାଇସ୍କୁଲଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ସ୍ୱେଚ୍ଛାସେବୀ ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମେହେର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପଞ୍ଚାନନ ବେହେରା, ବନ୍ଦନା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ଦଳବେହେରା ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସ୍ୱେଚ୍ଛାସେବୀ ଚନ୍ଦ୍ର ମଣି ଦେହୁରୀ, ରୀତିମା ବାଘ, ସୋନାଲି ଡିଗାଲ, ମେଘାରାଣୀ ମହାପାତ୍ର, ଚନ୍ଦନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା।

### ଭଞ୍ଜ ସଙ୍ଗୀତ ଆସର

ଭଞ୍ଜନଗର,୯।୯(ଡି.ଏନ.ଏ):ଭୁବନେଶ୍ୱରସ୍ଥିତ ଜାଗମରା ମଲିକ କମ୍ପ୍ଲେକ୍ସ ୱେଲଫେର ଆସୋସିଏଶନରେ ଗୁରୁବାର ଭଞ୍ଜନଗର ଆନନ୍ଦ ସଙ୍ଗୀତାୟନ ପକ୍ଷରୁ ୭୦ତମ ଭଞ୍ଜ ସଂଗୀତ ଆସର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିକାଶ ସଂସଦ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଅମିୟ ମହାନ୍ତି ଏବଂ ସମ୍ପାଦକ ଦିପକ କୁମାର ଜେନାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବିଶିଷ୍ଟ ଧାରାବାହିକ ଅଭିନେତା ସୁବାସ ପାତ୍ର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଶିଳ୍ପୀ ରଶ୍ମିତା ଭୂୟାଁ, ସୁଧାଂଶୁରାଣୀ ଜେନା, ଚିନ୍ମୟୀ ଗୌଡ଼ ଏବଂ ଅଶୋକ ମହାପାତ୍ର ପ୍ରମୁଖ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ। ମୁରଲୀ ସ୍ୱାଇଁ ଏବଂ ଅଭିଷେକ ମହାପାତ୍ର ମର୍ଦ୍ଦଳ ବାଦନରେ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ଅଶୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଛତ୍ରପୁର ହସ୍ପିଟାଲରେ କେନ୍ଦ୍ରୀୟ ଟିମ୍

## ଲକ୍ଷ୍ୟ ପ୍ରମାଣପତ୍ର ପାଇଁ ଲେବର ରୁମ୍, ଓଟିର ମାନ ଆକଳନ

**ଛତ୍ରପୁର,୯।୯(ଡି.ଏନ.ଏ.)**

ଛତ୍ରପୁର ଉପଖଣ୍ଡ ହସ୍ପିଟାଲକୁ ଶୁକ୍ରବାର କେନ୍ଦ୍ରୀୟ ଟିମ୍ ୨ଦିନିଆ ଗସ୍ତରେ ଆସି ଲକ୍ଷ୍ୟ ପ୍ରମାଣପତ୍ର ପାଇଁ ଆକଳନ ଆରମ୍ଭ କରିଛନ୍ତି । ପୂର୍ବରୁ ଜିଲା ଓ ରାଜ୍ୟ ଟିମ୍ ଆସି ଅନୁଧ୍ୟାନ କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ରିପୋର୍ଟ ପ୍ରଦାନ କରିଥିଲେ । ଏହାପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୨ ଜଣିଆ ଟିମ୍ ଛତ୍ରପୁର ହସ୍ପିଟାଲ ଆସିଛନ୍ତି। କେନ୍ଦ୍ରୀୟ ଟିମ୍‌ର ମାର୍କ ଆଧାରରେ ଲକ୍ଷ୍ୟ ପ୍ରମାଣପତ୍ର ମିଳିପାରିବ। ହସ୍ପିଟାଲରେ ଥିବା ଲେବର ରୁମ୍ ଓ ଓଟିରେ ଦିଆଯାଉଥିବା ସେବାର କ'ଣ ସବୁ ମାନ ରହିଛି ତା ଉପରେ ଅନୁଧ୍ୟାନ କରି ମାର୍କ ଦିଆଯାଇଥାଏ । ତେଣୁ କେନ୍ଦ୍ରୀୟ ଟିମ୍‌ରେ ଥିବା ଡାକ୍ତର ଅଜୟ କୁମାର ଗୁପ୍ତା, ଡାକ୍ତର ରୀତା ଗୁପ୍ତା ଲେବର ରୁମ୍ ଓ ଓଟି ପରିଦର୍ଶନ କରିବା ସହ ଡାକ୍ତର, ନର୍ସ ଓ ଷ୍ଟାଫ୍ ଏବଂ ଡେଲିଭେରି, ସିଜରିଆନ୍ ଡେଲିଭେରି ଓ ନବଜାତ ଶିଶୁଙ୍କ ସଂଖ୍ୟା ସଂପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଛତ୍ରପୁର ହସ୍ପିଟାଲରେ ଗତ ୩ ବର୍ଷରେ ୨୦୧୩ ପ୍ରସବ ହୋଇଛି । ୨୦୧୯-୨୦ ରେ ୮୭୦, ୨୦୨୦-୨୧ରେ ୫୯୭ ଓ ୨୦୨୧-୨୨ରେ ୫୪୬ଟି ପ୍ରସବ ହୋଇଛି। କେନ୍ଦ୍ରୀୟ ଟିମର ଆକଳନ ଓ ଅନୁଧ୍ୟାନ ବେଳେ ଛତ୍ରପୁର ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ଡାକ୍ତର ଅଲେଖ ଚନ୍ଦ୍ର ପ୍ରଧାନ, ଡା. ନିକୁଞ୍ଜ ଦାଶ, ଡା.ମୋହନ ବାରିକ ଓ ଡା. ସୁଦର୍ଶନ ସାହୁ, ଜିଲା ଆସିଷ୍ଟାଣ୍ଟ ମ୍ୟାନେଜର ସଞ୍ଜୟ ପରିଡା, ଡିଏମଆରସିଏଚ୍ ଶକ୍ତି ଡିଗାଲ ପ୍ରମୁଖ ଉପସ୍ଥିତ ଥିଲେ ।



କେନ୍ଦ୍ରୀୟ ଟିମ୍ ଆଲୋଚନା କରୁଛନ୍ତି ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଦାବିରେ ରାସ୍ତାରୋକୋ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ**

୯।୯- ଫିରିଙ୍ଗିଆ ବ୍ଲକ କେଳାପଡାଠାରେ ଶୁକ୍ରବାର ଶତାଧିକ ମହିଳା ପୁରୁଷ ବିଦ୍ୟୁତ ଟ୍ରାନ୍ସଫର୍ମର ପୁନଃ ସ୍ଥାପନ ଦାବିରେ ରାସ୍ତାରୋକୋ କରିଛନ୍ତି। କେଳାପଡା ପଞ୍ଚାୟତ ବିଶିସାହିରେ ୮୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ମାସେ ତଳେ ହୋଇଥିବା ଲଗାଣ ବର୍ଷାରେ ଏହି ସାହିରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡି ଯାଇଥିଲା। ଫଳରେ ସାହି ଲୋକେ ଆଜି ପର୍ଯ୍ୟନ୍ତ ଅନ୍ଧାରରେ ରହୁଛନ୍ତି। ବାରମ୍ବାର ଅଭିଯୋଗ କରି ଆସୁଥିଲେ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଲୋକେ କେଳାପଡ଼ାଠାରେ ଫିରିଙ୍ଗିଆ ନୂଆପାଦାର ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯିବା ଆସିବ କରୁଥିବା ଶତାଧିକ ଗାଡି ପ୍ରାୟ ୫ ଘଣ୍ଟା ଯାଏ ଅଟକି ରହିଥିଲା। ଫିରିଙ୍ଗିଆ ଥାନାଧିକାରୀ ପି ଶ୍ୟାମସୁନ୍ଦର ରାଓଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଏବଂ ଫିରିଙ୍ଗିଆ ବିଦ୍ୟୁତ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝାଶୁଝା କରିବା କରିଥିଲେ। ସହ ୨୪ ଘଣ୍ଟା ମଧ୍ୟରେ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

## ଗଣେଶ ପୂଜା ମଣ୍ଡପରେ ଭଜନ ସମାରୋହ



ଗଣେଶ ପୂଜା ମଣ୍ଡପରେ ଭଜନ ସମାରୋହ।

**ଗଞ୍ଜାମ,୯।୯(ଡି.ଏନ.ଏ.)**

ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ଗଣେଶ ପୂଜାରେ ଗଜାନନଙ୍କୁ ଗ୍ରାମ ପୁରୋହିତ ରାଜେନ୍ଦ୍ର ରଥ ପୂଜାର୍ଚ୍ଚନା କରୁଥିଲେ। ଶୁକ୍ରବାର ଭସାଣି ଉତ୍ସବ ପାଳନ ହୋଇଛି। ବୁଧବାର ପୂଜା ମଣ୍ଡପରେ ଭଜନ ସମାରୋହରେ ସ୍ଥାନୀୟ ଅଞ୍ଚଳର ବହୁ ସଂଗୀତଜ୍ଞ, ପୁଇଁତୋଳା କୀର୍ତ୍ତନ ମଣ୍ଡଳୀର କାଶୀ ତରାଇ, ବିଦେଶୀ ବିଶ୍ୱାଳ, ଚରଣ ସାହୁ, ସୁଦୁରୁ ରାଉଳ, ସୁବାସ ତରାଇ, ନାରଣ ତରାଇ, ସୁବାସ ମହାରଣା, ସୂରିଆ ପଲେଇ ଭଜନ କୀର୍ତ୍ତନ କରିଥିଲେ। କାଳିଆ ବିଶ୍ୱାଳ, ରୋହିତ ସାହୁ, ମାନସ ରାଉଳ, ମାଧବ ସାହୁ, ଦଣ୍ଡାସିଂ ବିଶ୍ୱାଳ, ରୁଦ୍ର ମାଳି, ଭିକାରି ପଲାଇ, ପିଣ୍ଟୁ ପ୍ରମୁଖ ପରିଚାଳନା କରିଥିଲେ।

## ଦୁର୍ଗାପୂଜା ପାଇଁ ମାଟିପୂଜା

**ଭଞ୍ଜନଗର,୯।୯(ଡି.ଏନ.ଏ)**

ଭଞ୍ଜନଗର ସହରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭଞ୍ଜ ସାହିତ୍ୟ ପରିଷଦ, ଭଞ୍ଜନଗର ଜଳସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ ବିଡ଼େକା ପକ୍ଷରୁ ଜଳସମ୍ପଦ କାର୍ଯ୍ୟାଳୟ, ଓଏସ୍ଆରଟିସି ପକ୍ଷରୁ ବସ୍‌ଷ୍ଟାଣ୍ଡ ଏବଂ ରେଡ଼କ୍ରସ ରୋଡ଼ରେ ବିଶ୍ୱ ଜନନୀ କଳାପରିଷଦ ପକ୍ଷରୁ ଦୁର୍ଗାପୂଜା ପାଳନ ପାଇଁ ପ୍ରସ୍ତୁତି ଚାଲିଛି। ଭଞ୍ଜ ସାହିତ୍ୟ ପରିଷଦରେ ହେବାକୁ ଥିବା ପୂଜାପାଇଁ ବୁଧବାର ମାଟିପୂଜା ହୋଇଥିଲା। ଏଥିରେ ଏନ୍ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବଣିକ ସଂଘ ସମ୍ପାଦକ ସୁଶାନ୍ତ ମହାପାତ୍ର, ନଗର ବିଜେଡି ସଭାପତି ରାଜେନ୍ଦ୍ର ବିଷୋୟୀ, ପୂର୍ବତନ ଏନ୍ଏସି ଉପାଧ୍ୟକ୍ଷ ଶିବରାମ ନାୟକ, ଅମୂଲ୍ୟ ସାହୁ, ଟୁନା ଜେନା, କାଳୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## କୁଆନନ୍ଦରେ ବିଜେଡିର ମିଶ୍ରଣ ପର୍ବ

**ପୋଲସରା,୯।୯(ଡି.ଏନ.ଏ.)**

ପୋଲସରା ବ୍ଲକ ଅନ୍ତର୍ଗତ ବର୍ତ୍ତନୀ ପଞ୍ଚାୟତର କୁଆନନ୍ଦ ଗ୍ରାମରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ କୁଆନନ୍ଦର ସନ୍ୟାସୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଶହେରୁ ଉର୍ଦ୍ଧ୍ୱ ପରିବାର ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଜନିତ କାର୍ଯ୍ୟ ଓ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଦକ୍ଷ କାର୍ଯ୍ୟକାରିତାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତ କୁଆନନ୍ଦ ବାସୀ ଭାଜପା ଛାଡି ବିଜେଡିରେ ସାମିଲ ହୋଇଛୁ ବୋଲି ପୂର୍ବତନ ସରପଞ୍ଚ ଦଣ୍ଡପାଣି ରାଉତ, ବେଲ ଗାଁର ପୂର୍ବତନ ସରପଞ୍ଚ କାହ୍ନୁ ଚରଣ ସାହୁ, ରତ୍ନାକର ରାଉତ, ଅରକ୍ଷିତ ଜେନା, ପ୍ରବୀଣ ପାଣିଗ୍ରାହୀ, ନରେଶ ବିଷୋୟୀ, କୌଳାସ ପଣ୍ଡା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଦିନକୁ ଦିନ ପୋଲସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିରୋଧି ଭାଜପାର ଦୁର୍ବଳ ସଙ୍ଗଠନ ଓ କାର୍ଯ୍ୟକାରିତାରେ ଦଳୀୟ ନେତା ଓ କର୍ମୀମାନେ ମୁହଁ ଫେରାଉଥିବା ବେଳେ କୁଆନନ୍ଦର ଏହି ମିଶ୍ରଣ ପର୍ବ ବିରୋଧୀ ଭାଜପାକୁ ଶକ୍ତ ଧକ୍କା ଲାଗିଛି। ଏହି ମିଶ୍ରଣ ପର୍ବରେ ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ରନାଥ ପ୍ରଧାନ, ୩୯ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ବିଷୋୟୀ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା, ସରପଞ୍ଚ ସଞ୍ଜୁଲତା ଡାକୁଆ, ସମିତି ସଭ୍ୟା ସୁଜ୍ଞାନୀ ରାଉତ, ସନ୍ତୋଷ କୁମାର ସାହୁ, ରଞ୍ଜନ କୁମାର ସାହୁଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଉତ୍ତମ ସମାରିଟାନ...

ଅନୁମୋଦନ କରିଛନ୍ତି। ଉକ୍ତ ନୀତିରେ-୨୧ ଧାରାକୁ ସଂଶୋଧନ କରାଯାଇଛି।

ସଡ଼କ ଦୁର୍ଘଟଣାର ପ୍ରଥମ ଏକଘଣ୍ଟା ହେଉଛି 'ଗୋଲ୍‌ଡେନ୍ ଆୱାର'। ଏହି ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଗଲେ ସଡ଼କ ଦୁର୍ଘଟଣାର ମୃତ୍ୟୁ ୫୦%କୁ ହ୍ରାସ କରାଯାଇପାରିବ। ଏହି ନୀତି ଅନୁଯାୟୀ, ଉତ୍ତମ ସମାରିଟାନ ବା ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ପୁରସ୍କାର ଦେବା ବ୍ୟବସ୍ଥା ରହିଛି। ଉତ୍ତମ ସମାରିଟାନଙ୍କୁ ପୁରସ୍କୃତ କରିବା ପାଇଁ ଆର୍ଥିକ ସହାୟତା ସୁପାରିସ କରାଯାଏ। ଜଣେ ବ୍ୟକ୍ତି କିମ୍ବା ବ୍ୟକ୍ତିଙ୍କୁ ୨୦୦୦ ଟଙ୍କା ନଗଦ ପୁରସ୍କାର ପ୍ରୋତ୍ସାହନ ରାଶି ଭାବେ ଦିଆଯିବା ବ୍ୟବସ୍ଥା ରହିଛି।

### ପ୍ରକାଶ ପାଇଲା ଓସିଏସ୍...

ବିଜ୍ଞପ୍ତି ମାଧ୍ୟମରେ ପରୀକ୍ଷାର୍ଥୀମାନଙ୍କୁ ଅବଗତ କରାଯିବ ବୋଲି ଓପିଏସ୍‌ସି ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୦ରୁ ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ଓସିଏସ୍-୨୦୨୦ର ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୫ଟି ଜୋନ୍‌ର ୧୬ଟି କେନ୍ଦ୍ରରେ ୪୭୫୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରେ ବାଲେଶ୍ୱର ଜୋନ୍‌ର ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୫୨ ଜଣ, ବ୍ରହ୍ମପୁର ଜୋନ୍‌ର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୮୫ ଜଣ, ଭୁବନେଶ୍ୱରର ୯ଟି ପରୀକ୍ଷା କେନ୍ଦ୍ରରେ ୩୦୧୬ ଜଣ, କଟକ ଜୋନ୍‌ର ଦୁଇଟି ପରୀକ୍ଷା କେନ୍ଦ୍ରରେ ୫୭୧ ଜଣ ଓ ସମ୍ବଲପୁର ଜୋନ୍‌ର ତିନୋଟି କେନ୍ଦ୍ରରେ ୬୩୦ ଜଣ ପରୀକ୍ଷା ଦେଇଥିବା ଜଣାପଡ଼ିଛି।

### ଉନ୍ନୟନ କାର୍ଯ୍ୟ ପାଇଁ...

(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପାଇଁ ମୋଟ ୭୦୩ ପରିବାରର ୨,୫୧୪ ଜଣ ନାମ ପଞ୍ଜୀକରଣ କରିଛନ୍ତି। ଏଥିରୁ ଏକ ତୃତୀୟାଂଶରୁ ଅଧିକ ଅର୍ଥାତ ୨୫୯ ପରିବାରର ୯୮୭ ଜଣ ଅନୁସୂଚିତ ଜାତିର ଅଛନ୍ତି। ଏହି ଶ୍ରମିକଙ୍କୁ କର୍ମନିଯୁକ୍ତି ମିଳିବା ତ ଦୂରର କଥା, ଘରୁ ବାହାରକୁ ଯିବାକୁ ଭଲ ରାସ୍ତାଟିଏ ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୦ ମସିହାରୁ ଅଦ୍ୟାବଧି ୨୯ଟି ଗ୍ରାମ ସଂଯୋଗୀକରଣ ରାସ୍ତା ନିର୍ମାଣ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ସେହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି ୧୯ଟି ରାସ୍ତା ନିର୍ମାଣ ମଞ୍ଜୁରୀ ପାଇଥିଲେ ମଧ୍ୟ କାର୍ଯ୍ୟାରମ୍ଭ ହୋଇନାହିଁ। ବାଲିଭାଣ୍ଡି ବଡପୋଖରୀଠାରୁ ଯୋର ପର୍ଯ୍ୟନ୍ତ ପୋଲ ସହ ରାସ୍ତା ପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ମଞ୍ଜୁରୀ ଅପେକ୍ଷାରେ ଅଛି। ଶର୍ତାବାଦ ଦାଣ୍ଡି ୧ ନଂ. ଓ ୫ ନଂ. ୱାର୍ଡକୁ ଲାଗିଛି। ଏହି ଦୁଇ ୱାର୍ଡରେ ୪୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଗତ ଲଗାଣ ବର୍ଷା ଓ ବନ୍ୟାରେ ଦାଣ୍ଡିଟି ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଛି। ଦୀର୍ଘଦିନ ଧରି ଏହି ପାଣି ଜମି ରହିବାରୁ ଦୁର୍ଗନ୍ଧ ହେଉଛି। ପାଣି ପାଇଁ ଲୋକମାନେ ଜଳବାହିତ ରୋଗର ଶିକାର ହେଉଛନ୍ତି। ମ୍ୟାଲେରିଆ ବ୍ୟାପୁଛି। ସରକାରୀ ସାହାଯ୍ୟ ନ ମିଳିବାରୁ ୫ ନଂ. ୱାର୍ଡ ସଭ୍ୟ ଅକ୍ଷୟ ମଲ୍ଲିକ ମୂଲ ଲାଗି ଆଣିଥିବା ପଇସାରେ ମଶାରି କିଣି ବାଣ୍ଟୁଛନ୍ତି। ଉନ୍ନୟନ କାର୍ଯ୍ୟ ପାଇଁ ଭିକ୍ଷା ସମ୍ପର୍କରେ ସମିତିସଭ୍ୟ ପ୍ରବେସନ ମଲ୍ଲିକ ଓ ସରପଞ୍ଚ ଶ୍ରଦ୍ଧାଞ୍ଜଳି ମଲ୍ଲିକ କହିଛନ୍ତି, ଲୋକଙ୍କ ସମସ୍ୟା ସମାଧାନ ଆଶାରେ ଲୋକ ପ୍ରତିନିଧି ହୋଇଛୁ। ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଛୁ। ଶର୍ତାବାଦ ଦାଣ୍ଡି ଏବେ ଦୁଇ ୱାର୍ଡବାସୀଙ୍କ ପାଇଁ ବିପଦ ହୋଇଛି। ମଣିଷ ଓ ଗୃହପାଳିତ ପଶୁ ଯାତାୟାତ କରି ପାରୁନାହାନ୍ତି। ଏ ନେଇ ଗତ ଜନଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେବା ସହ ସମାଧାନ ପାଇଁ ନିବେଦନ କରିଥିଲୁ। ଜିଲାପାଳ ଅମୃତ ଋତୁରାଜ ସମସ୍ୟାର ସମାଧାନ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରଦିନ ବ୍ଲକ ପ୍ରଶାସନିକ ଅଧିକାରୀ ଦାଣ୍ଡି ଅଞ୍ଚଳ ବୁଲିବା ସହ ବାଲି ପକାଇବା ପାଇଁ ନିର୍ଦ୍ଦେଶ ଦେଲେ। ତେବେ ରାସ୍ତା କାମ ଆରମ୍ଭ ହେବାରୁ ଏହି କାମ ବନ୍ଦ କରିବାକୁ ଅଧିକାରୀ କହିଥିଲେ। ଲୋକଙ୍କ ଦୁର୍ଦ୍ଦଶା ଏବେ ଅଧିକ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆର୍ଥିକ ଓ ଶ୍ରମ ସହଯୋଗରେ ଭିକ୍ଷା କରୁଥିବା ସେମାନେ କହିଛନ୍ତି। ଗ୍ରାମର ଭଜନା ସୂତାର କହିଛନ୍ତି, ପ୍ରଶାସନିକ ଅଧିକାରୀଙ୍କ ଏପରି ଅସହଯୋଗ ଭାରି ବାଧୁଛି। ଏଥିପାଇଁ ଦାଣ୍ଡି ନିର୍ମାଣ ପାଇଁ ନିଜେ ଟଙ୍କା ଦେବା ସହ ଗ୍ରାମବାସୀ ଟଙ୍କା ଦେଉଛନ୍ତି। ଆବଶ୍ୟକ ପଡିଲେ ଶ୍ରମଦାନ ପାଇଁ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀଙ୍କୁ ପଚାରିବାରେ ଘଟଣାଟି ଏବେ ନଜରକୁ ଆସିଛି। କେଉଁ ପରିସ୍ଥିତିରେ କାର୍ଯ୍ୟବନ୍ଦ ହୋଇଛି ସେ ନେଇ ଆଲୋଚନା କରିବାକୁ ଲୋକ ପ୍ରତିନିଧିଙ୍କ ସହ ରାଜକନିକା ବିଡିଓଙ୍କୁ ଡକାଯାଇଛି ବୋଲି ସେ କହିଛନ୍ତି।

### ନଭେମ୍ବର ୮ରୁ କଟକ...

ରାସ୍ତା ସଂଯୋଗ, ଟ୍ରାଫିକ୍ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ, ଷ୍ଟଲ୍ ପାଇଁ ସ୍ଥାନ ନିର୍ଦ୍ଧାରଣ, ବିଦ୍ୟୁତ୍ ସଂଯୋଗ, ପରିମଳ, ସ୍ୱାସ୍ଥ୍ୟ ସେବା ଓ ଆଇନଶୃଙ୍ଖଳା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏସବୁର ଉତ୍ତମ ପରିଚାଳନା ନିମନ୍ତେ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରା ପଡ଼ିଆରେ ଅଧିକ ସଂଖ୍ୟକ ପାଣି ଟ୍ୟାଙ୍କର, ଅସ୍ଥାୟୀ ବାୟୋ ଟଏଲେଟ୍ ବ୍ୟବସ୍ଥା କରିବାକୁ କଟକ ପୌର ପରିଷଦ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ କୁହାଯାଇଛି। ଯାତ୍ରା ପଡ଼ିଆରେ କେବୁଲ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ କରିବାକୁ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରା ସମୟରେ ନଦୀରେ ଜଳକ୍ରୀଡ଼ା ଏବଂ ଡେଜର୍ଟ ବାଇକ୍ ରାଇଡିଂ ଆଦି ବ୍ୟବସ୍ଥା ବିଷୟରେ ମଧ୍ୟ ଆଲୋଚନା ହୋଇଛି । ଏବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ତରଫରୁ ଅଧିକ ସଂଖ୍ୟକ ଲୋକକଳା, ସଙ୍ଗୀତ ଏବଂ ନୃତ୍ୟ ଗ୍ରୁପ୍ ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ବୈଠକରେ ସୂଚନା ଦେଇଛନ୍ତି। ଏନ୍‌ଜିଟି ଗାଇଡ୍‌ଲାଇନ ଅନୁସାରେ ବାଲିଯାତ୍ରା ଆୟୋଜନ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ଓ ନଗର ଉନ୍ନୟନ, ପୂର୍ତ୍ତ, ଶକ୍ତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆଦି ବିଭାଗ ମାଧ୍ୟମରେ ଯାତ୍ରା ପ୍ରସ୍ତୁତି ପାଇଁ ପ୍ରାୟ ୧୫.୩୫ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅନିଲ କୁମାର ସାମଲ, କଟକ ପୌର ପରିଷଦ କମିଶନର ନିଖିଲ ପଓ୍ୱନ କଲ୍ୟାଣ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପୁଅ ଆଗରେ ଭାସିଗଲେ...

ନିକଟରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କଲାବେଳକୁ ସେ କଲଭର୍ମଟ ତଳକୁ ଖସିପଡ଼ିଥିଲେ। ପୋଲିସ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି କରୁଥିବା ଜଣାପଡ଼ିଛି।

### ମିଳିଲାନି ସହାୟତା...

ଶଯ୍ୟାଶାୟୀ ହୋଇଥିବାରୁ ଯନ୍ତ୍ରଣାରେ ଛଟପଟ ହୋଇ ଚଳିତବର୍ଷ ଅଗଷ୍ଟରେ ଟୁଇଟ୍ କରି ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିଥିଲେ। ତେବେ ସବୁଆଡୁ ନିରାଶ ହେବା ପରେ ଶୁକ୍ରବାର ସକାଳେ ବିଜୟ ନିକଟସ୍ଥ ଏକ ସାର ଦୋକାନକୁ କଷ୍ଟମଷ୍ଟେ ଯାଇ ସେଠାରେ କୀଟନାଶକ କିଣି ପିଇ ଦେଇଥିଲେ। ଏନେଇ ଖନ୍ତାପଡ଼ା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

## ମୋହନାରେ ଦ୍ୱିତୀୟ ସାଧାରଣ ସମିତି ବୈଠକ

**ଆର.ଉଦୟଗିରି,୯।୯(ଡି.ଏନ.ଏ.)**

ମୋହନା ବ୍ଲକରେ ଶୁକ୍ରବାର ଦ୍ୱିତୀୟ ସାଧାରଣ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷ ରଞ୍ଜୀବ ଶବର ସଭାପତିତ୍ୱ କରିଥିଲେ। କେତେଜଣ ସମିତି ସଭ୍ୟ ଏବଂ ସରପଞ୍ଚ ମୋହନା ବ୍ଲକରେ ହେଉଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିବା ସହ ଯନ୍ତ୍ରୀମାନେ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରୁଥିବା ଆଲୋଚନା ପରିସରକୁ ଆସିଥିଲା। ବ୍ଲକରେ ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ସମସ୍ୟା ସୁଧୁରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ବିଡିଓ ତପସ୍ୱିନୀ ହାଁସଦା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଆଶିଷ କୁମାର ଶତପଥୀ, ଜିଲା ପରିଷଦ ଉପାଧ୍ୟକ୍ଷ କୁନ୍ତଳା ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ବାଲ୍ମୀନା ଅଧିକାରୀ, ଜିଲା ପରିଷଦ ସଭ୍ୟ ସୁନୀଲ ବିଷୋୟୀ, ଚନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିପିଇଓ ଖଗେଶ୍ୱର ଭୂୟାଁଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଙ୍ଗଲ ବିଭାଗ, ପାନୀୟ ଜଳ ବିଭାଗ, କୃଷି ବିଭାଗ, ରାଜସ୍ୱ ବିଭାଗ ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗ ଦ୍ୱାରା ହେଉଥିବା କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ ଉପସ୍ଥିତ ଥିବା ସହ ଜିପିଇଓ ଭୂୟାଁ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ରାଜସ୍ୱ ବିଭାଗ ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇଙ୍କ ସମେତ ସିଡିପିଓ ଲଳିତା ମଲ୍ଲିକ, ଡାକ୍ତର ନମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମୋହନା ସମିତିସଭ୍ୟ ବ୍ଲକ ଦ୍ୱାରା କାର୍ଯ୍ୟ ମନ୍ଥର ଗତିରେ ହେଉଥିବା କାରଣ ପଚାରି ବୁଝିଥିଲେ।

## ବର୍ଷାରେ ବେହାଲ ହଳଦିଆପଦର ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତା

# ଯାତ୍ରୀ, ଗାଡ଼ି ଚାଳକ ହଇରାଣ

**ଗୋପାଳପୁର,୯।୯(ଡି.ଏନ.ଏ.)**

ଗତ ଦୁଇଦିନ ଧରି ଲଘୁଚାପ ଜନିତ ବର୍ଷା ଫଳରେ ୧୬ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା ହଳଦିଆପଦର ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତା ଜଳାର୍ଣ୍ଣବ ହୋଇପଡ଼ିଛି। ଏହି ରାସ୍ତା ଖାଲଖମା ହୋଇପଡ଼ିଥିବା ଯୋଗୁ ପାଣି ଜମି ରହିଛି। ଫଳରେ ରାସ୍ତାରେ ଟ୍ରକ୍ ଓ ବସ ଘଣ୍ଟା ଘଣ୍ଟା ଅଟକି ରହୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଯାତାୟାତ ବାଧାପ୍ରାପ୍ତ ହୋଇ ଲୋକେ ବହୁ ହଇରାଣ ହରକତ ହୋଇଥିଲେ। ଖବର ଅନୁସାରେ ଏହି ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଅଟୋ ନଗରଠାରେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଯାଇଛି। ଉକ୍ତ ରାସ୍ତା ଉପର ଦେଇ ବିଦ୍ୟୁତ ତାର ରହିଥିବାରୁ ଏହାକୁ ବ୍ୟବହାର କରାଯାଇପାରୁନାହିଁ। ଫଳରେ ଉଭୟ ପାର୍ଶ୍ୱ ରାସ୍ତା ବର୍ଷା ଯୋଗୁ ପାଣି ଜମି ଖାଲଖମା ହୋଇ କଦର୍ଯ୍ୟମୟ ହୋଇପଡ଼ିଛି। ପୂର୍ବାହ୍ନରେ ଇଚ୍ଛାପୁର-ବ୍ରହ୍ମପୁର ରାସ୍ତା କାମ ଚାଲୁ ରହିଥିବା ଯୋଗୁ ଉକ୍ତ ରାସ୍ତାଟି ୩ ରୁ ୪ ଘଣ୍ଟା କାଳ ସମ୍ପୂର୍ଣ୍ଣ ଜାମ୍ ହୋଇ ସାଧାରଣ ଯାତ୍ରୀ ଓ ଗାଡ଼ି ଚାଳକମାନେ ବହୁ ହଟହଟା ହୋଇଥିଲେ। ଅନ୍ୟପଟେ ଆମ୍ବୁଲାନ୍ସ ମଧ୍ୟ ଫସି ରହି ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ପୁଣି ଅପରାହ୍ନରେ ଭୁବନେଶ୍ୱର-ଇଚ୍ଛାପୁର ରାସ୍ତା ପାର୍ଶ୍ୱରେ ଓଭରବ୍ରିଜ୍ କାମ ଚାଲୁ ରହିଥିବା ଯୋଗୁ ବହୁ ଯାନବାହନ ଅଟକି ରହିଥିଲା। ତେବେ ଦୀର୍ଘଦିନ ହେଲା ଉକ୍ତ ରାସ୍ତା ଖାଲଖମା ହୋଇଥିଲେ ମଧ୍ୟ ପୂର୍ବରୁ ପ୍ରଶାସନ କିମ୍ବା ଜାତୀୟ ରାଜପଥ ବିଭାଗ ମରାମତି କରିନଥିଲେ। ହେଲେ ଶୁକ୍ରବାର ହଠାତ୍ ଲୋକଦେଖାଣିଆରେ ଉକ୍ତ ରାସ୍ତାରେ ମାଟି ପକାଉଥିବା କାର୍ଯ୍ୟକୁ ନେଇ ସାଧାରଣ ଜନତା ବିଭିନ୍ନ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଏହି ରାସ୍ତାକୁ ମରାମତି କରି ବନ୍ଦ ରହିଥିବା ଓଭରବ୍ରିଜ୍‌କୁ ଚାଲୁ କରିବା ପାଇଁ ଦାବି ହୋଇଛି।



ଜାମ୍ ରହିଛି ରାସ୍ତା।

## ଗଞ୍ଜାମ ପୋଲିସ ଜିଲାରେ ସ୍ପେଶାଲ ଡ୍ରାଇଭ୍

# ଉଦ୍ଧାର ହେଲେଣି ୧୭୨ ନିଖୋଜ ନାବାଳିକା

**ଛତ୍ରପୁର,୯।୯(ଡି.ଏନ.ଏ.)**

ନିର୍ଯାତିତା ନବାଳିକା, ଯୁବତୀ, ମହିଳାଙ୍କ ସମେତ ନିଖୋଜ ପିଲାମାନଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର ପାଇଁ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଚାଲିଛି । ଚଳିତ ବର୍ଷ ୮ ମାସ ମଧ୍ୟରେ ୧୯୧ ଜଣ ନିଖୋଜଙ୍କୁ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ପକ୍ଷରୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ସେଥିମଧ୍ୟରେ ୧୭୨ ଜଣ ନାବାଳିକା ଅଛନ୍ତି । ବିଭିନ୍ନ ଥାନାରେ ନିଖୋଜଙ୍କ ସମ୍ପର୍କରେ ବହୁ ସଂଖ୍ୟାରେ ମାମଲା ରୁଜୁ ହେବା ପରେ ଗଞ୍ଜାମ ଏସପି ବ୍ରିଜେଶ କୁମାର ରାଏ ସେମାନଙ୍କୁ ଉଦ୍ଧାର କରିବା ଲାଗି ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଥିଲେ । ଏପରିକି ରାଜ୍ୟର ବିଭିନ୍ନ ଜିଲା ସହ ଅନ୍ୟ ରାଜ୍ୟକୁ ବିଭିନ୍ନ ଥାନା ପୋଲିସ ଟିମ୍ ଯାଇ ନିଖୋଜଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇପାରିଛି। ପ୍ରଥମ ପର୍ଯ୍ୟାୟରେ ଜାନୁୟାରୀରୁ ଜୁନ୍ ୬ ମାସ ମଧ୍ୟରେ ୧୧୫ ଜଣ ନିଖୋଜଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା । ସେଥିରେ ୧୧୨ ଜଣ ନାବାଳିକା ରହିଥିଲେ । ସେହିପରି ଜୁଲାଇରୁ ଚଳିତ ମାସ ୮ ତାରିଖ ସୁଦ୍ଧା ୭୬ ଜଣ ନିଖୋଜଙ୍କୁ ବିଭିନ୍ନ ଥାନା ପୋଲିସ ଉଦ୍ଧାର କରିଛି। ଏହି ୨ ମାସ ମଧ୍ୟରେ ପୁରୁଷୋତ୍ତମପୁର ଥାନା ପୋଲିସ ୨ଜଣ ନିଖୋଜଙ୍କୁ ଉଦ୍ଧାର କରିଥିବା ବେଳେ କବିସୂର୍ଯ୍ୟନଗର ପୋଲିସ ଜଣେ, ରମ୍ଭା ଥାନା ପୋଲିସ ୮ଜଣ, ଭଞ୍ଜନଗର ଥାନା ପୋଲିସ ୧୫ ଜଣ, ବୁଗୁଡା ଥାନା ପୋଲିସ ୩ ଜଣ, ତାରସିଂ ଥାନା ୨, ପାଟପୁର ଥାନା ୧୨, କୋଦଳା ଥାନା ୨, ଜଗନ୍ନାଥପ୍ରସାଦ ଥାନା ଜଣେ, ଖଲିକୋଟ ଥାନା ୧୪ ଜଣ, ହିଞ୍ଜିଳି ଥାନା ୭ ଜଣ, ବେଲଗୁଣ୍ଠା, ଗାଙ୍ଗପୁର, ଶେରଗଡ ଓ ବଡଗଡ ଥାନା ପୋଲିସ ଜଣେ ଲେଖାଏ, ଛତ୍ରପୁର ଥାନା ୨ ଜଣ ଏବଂ ଧରାକୋଟ ଥାନା ପୋଲିସ ୩ ଜଣ ନିଖୋଜଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି।

## ଚୋରି ଘଟଣାରେ ଜଣେ ଗିରଫ

ଖଲ୍ଲିକୋଟ,(ଡି.ଏନ.ଏ.):ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବୀରକୃଷ୍ଣଶରଣପୁର ଗ୍ରାମର ବିନୟ କୁମାର ମିଶ୍ରଙ୍କ ଦୋକାନରୁ ତାଲା କାଟି ଚୋରି ଘଟଣାରେ ସ୍ଥାନୀୟ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ତୋତାଗାଁର ଅକ୍ଷୟ ପାହାନ (୪୦) । ତାଙ୍କ ନିକଟରୁ ପୋଲିସ ଚୋରି ଟଙ୍କା ଓ ତାଲା କାଟିବାରେ ବ୍ୟବହୃତ ଲୁହା କଟର ଜବତ କରିଛି। ବିନୟଙ୍କ ଦୋକାନରେ ତାଲା କାଟି ୨୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନଂ ୫୦୨/୨୨ ପ୍ରକାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ ଟଙ୍କା ବିନୟଙ୍କୁ ପ୍ରଦାନ କରାଯାଇଛି।

### ସଂକ୍ଷେପରେ

## ପୋଖରୀରୁ ଯୁବକଙ୍କ ମୃତଦେହ ଠାବ

ଗୋପାଳପୁର,୯।୯(ଡି.ଏନ.ଏ.):ଗୋଳନ୍ଥରା ଥାନା ପୋଲିସ ଶୁକ୍ରବାର ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଠାବ କରିଛି। ସେ ହେଲେ କୁଠାରସିଂ ଗ୍ରାମର କିଶୋର ସେଠୀ (୨୨)। କିଶୋର ସେଠୀ ଗତ ୭ ତାରିଖରେ କୌଣସି କାମ ନେଇ ବାହାରକୁ ଯାଇଥିବା ବେଳେ ଘରକୁ ଆଉ ଫେରିନଥିଲେ। ଏ ନେଇ ପରିବାର ଲୋକେ ସମ୍ପର୍କୀୟ ଓ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ କିଶୋରଙ୍କ ଟେର୍ ପାଇପାରି ନ ଥିଲେ। ଶୁକ୍ରବାର ସକାଳେ ମାଣିକ୍ୟପୁର ଗ୍ରାମ ନିକଟ ପଣ୍ଡା ପୋଖରୀରେ କିଶୋରଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏ ନେଇ ପରିବାର ଲୋକ ଜାଣିବା ପରେ ପୋଖରୀକୁ ଆସି ମୃତଦେହ ଚିହ୍ନଟ କରିଥିଲେ। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୨୭/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କିଶୋରଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିରାପତ୍ତା ତାଲିମ

ପୋଲସରା,୯।୯(ଡି.ଏନ.ଏ.):ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଗୁରୁବାର ଅଗ୍ନି ନିରାପତ୍ତା ତାଲିମ ପ୍ରଦାନ କରାଯାଇଛି। ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଯୁବ ରେଡକ୍ରସ ସଂସ୍ଥା (ୱାଇଆରସି) ଓ ରାଷ୍ଟ୍ରୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଆନୁକୂଲ୍ୟରେ କଲେଜ ପରିସରରେ ଅଗ୍ନି ନିରାପତ୍ତା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ତାଲିମ ଶିବିରକୁ କଲେଜ ଅଧ୍ୟକ୍ଷ ଡକ୍ଟର ଦିବାକର ମିଶ୍ର ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୋଲସରା ଅଗ୍ନିଶମ ବିଭାଗର ଏନଏସଓ ଅଜୟ କୁମାର ସାହୁ ଯୋଗ ଦେଇ ଅଗ୍ନି ନିରାପତ୍ତା ବିଷୟରେ ମହାବିଦ୍ୟାଳୟର ୬୦ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଅଧାପିକା ଡ. ଜ୍ୟୋସ୍ନାରାଣୀ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଯୁବ ରେଡକ୍ରସ ସଂସ୍ଥା କାଉନସିଲ ଅଧାପକ ସେକ୍ ଫରିଦ ଧନ୍ୟବାଦ ପ୍ରଦାନ କରିଥିଲେ। ଏନ୍ଏସ୍ଏସ ଅଫିସର ପ୍ରକାଶ ଚନ୍ଦ୍ର ସାହୁ, ବସନ୍ତ କୁମାର ପାଣି ଓ ଅଧାପିକା ସୁନିତା ପାଣିଗ୍ରାହୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଯୋଗାଣ ନିରୀକ୍ଷକ ସଞ୍ଜୀବଙ୍କ କାର୍ଯ୍ୟରେ ଯୋଗଦାନ

ଧରାକୋଟ,୯।୯(ଡି.ଏନ୍.ଏ.): ଧରାକୋଟ ବ୍ଲକର ନୂତନ ଯୋଗାଣ ଅଧିକାରୀ ଭାବେ ସଞ୍ଜୀବ ମଲିକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଗଜପତି ଜିଲାର କାଶୀନଗର ବ୍ଲକରେ କାର୍ଯ୍ୟରତ ଥିଲେ। ଧରାକୋଟ ବ୍ଲକର ଯୋଗାଣ ନିରୀକ୍ଷକ ପଦବୀ ବହୁ ଦିନରୁ ଖାଲି ପଡ଼ିଥିଲା। ଆସିକା ଯୋଗାଣ ଅଧିକାରୀ ପ୍ରକାଶ ପାତ୍ର ଦୀର୍ଘଦିନ ପର୍ଯ୍ୟନ୍ତ ଏହି ବ୍ଲକର ଅତିରିକ୍ତ ଦାୟିତ୍ୱରେ ରହି କାର୍ଯ୍ୟ ତୁଲାଇ ଆସୁଥିଲେ। ସମ୍ପ୍ରତି ନୂତନ ଯୋଗାଣ ନିରୀକ୍ଷକ ଯୋଗଦେବା ପରେ ଯୋଗାଣ ବିଭାଗ ଡିଇଓ ରଶ୍ମି ରାଣୀ ପ୍ରଧାନ, ଯୋଗାଣ ସହାୟକ ସମିତା ସାହୁ, ସଭାପତି ବିରୂପାକ୍ଷ ପାଣିଗ୍ରାହୀ, ଉପ ସଭାପତି ମଦନ ନାୟକ, ସମ୍ପାଦକ ଧନୁର୍ଦ୍ଧର ପଣ୍ଡା, ସହ ସମ୍ପାଦକ ଗୋପାଳ ହରି ଗୌଡ଼, ସୁରେନ୍ଦ୍ର ସାହୁ ଓ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ବୋଡ଼ା ସେତୁ ଆପ୍ରୋଚରୋଡ ପୁଣି ଭୁଶୁଡ଼ିଲା

### ତରବରିଆ କାମ ଅଭିଯୋଗ, ସମସ୍ୟା ପ୍ରତି ଗୁରୁତ୍ୱ ଦେଉନି ପୂର୍ତ୍ତ ବିଭାଗ

ଭଞ୍ଜନଗର,୯।୯(ଡି.ଏନ.ଏ)

ଭଞ୍ଜନଗର-ବୁଗୁଡ଼ା ମୁଖ୍ୟ ରାସ୍ତାର ବେଲଗୁଣ୍ଠା ନିକଟ ଚଢ଼େୟାପଲ୍ଲୀ ଠାରେ ଥିବା ବୋଡ଼ା ସେତୁ ଆପ୍ରୋଚ ରୋଡ୍‌ର କିଛି ଅଂଶ ଶୁକ୍ରବାର ପୁଣି ଭୁଶୁଡ଼ି ପଡ଼ିଛି । ଫଳରେ ଆପ୍ରୋଚରୋଡ଼ର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ଦେଖାଦେଇଛି । ତରବରିଆ ଭାବେ ନିମ୍ନମାନର କାମ ଯୋଗୁ ଏଳି ସମସ୍ୟା ହୋଇଥିବା ଅଭିଯୋଗ ହେଉଛି। ପୂର୍ତ୍ତ ବିଭାଗ ଏବଂ ଠିକାଦାର ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସମ୍ପୃକ୍ତ ଅଞ୍ଚଳବାସୀ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ବୋଡ଼ାନଦୀ ଉପରେ ଚଢ଼େୟାପଲ୍ଲୀ ଠାରେ ଲୁହାର ଏକ ସେତୁ ଥିଲା । ୨୦୧୮ରେ ଉକ୍ତ ସେତୁର କିଛି ଅଂଶ ଭାଙ୍ଗିବାରୁ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ହସ୍ତକ୍ଷେପ ପରେ ସେଠାରେ ନୂତନ ସେତୁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାପରେ ୨୦୧୯ ଜାନୁୟାରୀ ୨ରେ ସେଠାରେ ଏକ ହାଇଲେଭଲ ସେତୁ ନିର୍ମାଣ ପାଇଁ ଠିକାଦାରଙ୍କ ସହ ପୂର୍ତ୍ତ ବିଭାଗର ଚୁକ୍ତି ହୋଇଥିଲା। କିନ୍ତୁ ପୁରୁଣା ସେତୁ ତଳେ ପ୍ରବଳ ପଥର ଥିବା ଯୋଗୁ ପୁଣି ଏଷ୍ଟିମେଟକୁ ପରବର୍ତ୍ତୀ ପର୍ଯ୍ୟାୟରେ ସଂଶୋଧନ କରାଯାଇଥିଲା । ୧୨ କୋଟି ୯୯ଲକ୍ଷ ୨୭ ହଜାର ଟଙ୍କା ବ୍ୟୟରେ ସେତୁ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇଥିଲା। ୨୦୨୦ ଅପ୍ରିଲ ୧ରେ କାମ ସରିବାର ଥିଲା। କିନ୍ତୁ କରୋନା ସମେତ ବିଭିନ୍ନ କାରଣ ଯୋଗୁ କାମ ନିର୍ଦ୍ଧାରିତ ସମୟରେ କରିବା ସମ୍ଭବପର ହୋଇପାରି ନ ଥିଲା । ତେଣୁ ଠିକାଦାର ବାରମ୍ବାର ସମୟ ବଢ଼ାଇ ଚାଲିଥିଲେ। ସେତୁ କାମ ବିଳମ୍ବ ହେଉଥିବା ଯୋଗୁ ଲୋକେ ସେଠାରେ ଅସ୍ଥାୟୀ ଭାବେ ହୋଇଥିବା ଡ଼ାଇଭରସନ ରୋଡ଼ରେ ଯାତାୟତ କରୁଥିଲେ । କିନ୍ତୁ ବର୍ଷାଦିନେ ଉକ୍ତ ରୋଡ଼ଟି ବାରମ୍ବାର ଭାସିଯାଉଥାଏ। ଫଳରେ ଲୋକେ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଚଳିତ ବର୍ଷ ମଧ୍ୟ ଏହି ସମସ୍ୟା ଉପୁଜିବା ଆଶଙ୍କା ଥିଲା । ତେଣୁ ବିଭିନ୍ନ ଆଡୁ ଚାପ ପଡ଼ିବା ପରେ ଠିକାଦାର ତରବରିଆ ଭାବେ ମୁଖ୍ୟ ସେତୁର ଆପ୍ରୋଚ୍ ରୋଡ଼ଟିକୁ କରିଥିଲେ। ଆପ୍ରୋଚ୍‌ରୋଡ଼ଟି ଠିକ୍ ଭାବେ ନିର୍ମାଣ ହୋଇ ନ ଥିବା ଯୋଗୁ କିଛିଦିନ ପୂର୍ବେ ସେତୁ ନିକଟରେ ରାସ୍ତାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା । ଫଳରେ ଅଧିକ କିଛି ଅଘଟଣ ଆଶଙ୍କାରେ କିଛିସମୟ ପାଇଁ ଉକ୍ତ ରାସ୍ତାରେ ଗମନାଗମନ ବନ୍ଦ ହୋଇଥିଲା। ଏହାପରେ ମେଟାଲ ପଡ଼ିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। କିନ୍ତୁ କାମ ସମ୍ପୂର୍ଣ୍ଣ କରାଯାଇନଥିଲା । ଏନେଇ ବେଲଗୁଣ୍ଠା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ କହିଛନ୍ତି, କାମ ନିମ୍ନମାନର ହେବା ଯୋଗୁ ଏହି ସମସ୍ୟା ଉପୁଜିଛି। ଭାରିଯାନ ଯାତାୟତ କଲେ ଆହୁରି ସମସ୍ୟା ବଢ଼ିବ । ରାସ୍ତାକାମ ତୁରନ୍ତ ଠିକ୍‌ଭାବେ କଲେ କଂଗ୍ରେସ ଆନ୍ଦୋଳନ କରିବ ।



ଭୁଶୁଡ଼ି ପଡ଼ିଥିବା ଆପ୍ରୋଚ୍‌ରୋଡ଼ ।

# କାଠ ଗଜପତିର ନୁହେଁ କହିଲେ ଡିଏଫଓ

### ରକ୍ତ ଚନ୍ଦନ କାଠ ଚୋରି ଘଟଣା

ପାରଳାଖେମୁଣ୍ଡି,୯।୯(ଡି.ଏନ୍.ଏ.)

ପୁଷ୍ପା ସିନେମା ଷ୍ଟାଇଲରେ ୪ କୁଇଣ୍ଟାଲ ରକ୍ତ ଚନ୍ଦନ କାଠ ଚୋରାଚାଲାଣ ହେଉଥିବା ବେଳେ ଗତ ୭ ତାରିଖ ବିଳମ୍ବିତ ରାତିରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ପୋଲିସ ଦ୍ୱାରା ତାହାକୁ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ଗଜପତିର ୩ ସମେତ ୧୧ ଜଣ ଗିରଫ ହୋଇଥିଲେ। ଏହି ଘଟଣା ପରେ ଗଜପତି ବନ ବିଭାଗ ତତ୍ପର ହୋଇ ଉଠିଛି। ଗୁରୁବାର ରେଞ୍ଜ ଅଫିସର ଟେକାଲି ଥାନା ଯାଇ ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ଶୁକ୍ରବାର ଡିଏଫଓ ଅମ୍ଳାନ ନାୟକ, ରେଞ୍ଜ ଅଫିସର ଓ ଅନ୍ୟାନ୍ୟ ସଦସ୍ୟଙ୍କୁ ନେଇ ଏକ ଟିମ ଜିଲାର ବିଭିନ୍ନ ରକ୍ତଚନ୍ଦନ ଜଙ୍ଗଲ ବୁଲି ଗଛ ଗୁଡ଼ିକର ସ୍ଥିତି ପରଖିବା ସହ, ପ୍ରତେକ ଗଛର ନମ୍ବର ସହ ଜିପିଏସ କୋଡିଂ କରି ଜିଓ ଟ୍ୟାଗ କରାଯାଇଛି ବୋଲି କହିଛନ୍ତି। ମୁଖ୍ୟତଃ କିଞ୍ଚିଲିଙ୍ଗୀ, ଲାବନ୍ୟଗଡ଼, ମୁନିଗାବାଡ଼, ଯାଞ୍ଚ କରିଥିଲେ। ଏଥିସହ ଗିରଫ ଅଭିଯୁକ୍ତ ପାଇଲମ ଗ୍ରାମକୁ ଯାଇ ଗାଁ ଲୋକଙ୍କୁ ପଚରାଉଚରା କରିବା ପରେ ଏହି ଚନ୍ଦନ କାଠ ଗଜପତିର ନୁହେଁ ବୋଲି ଖବରଦାତା ସମ୍ମିଳନୀରେ ଡିଏଫ୍ଓ କହିଛନ୍ତି। ସେପଟେ ଆଗକୁ ଆନ୍ଧ୍ର ପୋଲିସକୁ ତଦନ୍ତରେ ସାହାଯ୍ୟ କରିବେ ସେ ବୋଲି କହିଛନ୍ତି ।

# ଆସିକା ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଆରମ୍ଭ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମପି ଓ ଅନ୍ୟମାନେ ।

ଆସିକା,୯।୯(ଡି.ଏନ.ଏ)

ଆସିକା ସବଡିଭିଜିନାଲ ଡାକ୍ତରଖାନାରେ ଶୁକ୍ରବାର ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି । ଆସିକା ଏମପି ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ ଯୋଗଦେଇଥିଲେ । ଡାକ୍ତରଖାନାର ଚିକିତ୍ସାଧିକାରୀ ଡାକ୍ତର ଦୀପକ କୁମାର ସାମନ୍ତରାୟ ଏବଂ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ବିଜୟ ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ବ୍ୟବସ୍ଥା ଦ୍ୱାରା ଡାକ୍ତରଖାନାକୁ ଆସୁଥିବା ପ୍ରସୂତି ମହିଳା ଅଧ ଚିକିତ୍ସା ସୁବିଧା ପାଇବାରେ ସକ୍ଷମ ହେବେ ବୋଲି ଜଣାପଡ଼ିଛି । ତେବେ ଡାକ୍ତରଖାନାର ସ୍ୱାଭାବିକ ଚିକିତ୍ସା ଲାଗି ୧୬ଜଣ ଡାକ୍ତରଙ୍କର ଆବଶ୍ୟକତା ରହିଥିଲା ବେଳେ ମାତ୍ର ୪ ଡାକ୍ତରଙ୍କୁ ନେଇ ଚାଲିଥିବା ଏହି ଡାକ୍ତରଖାନାରେ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଲାଗି ରହିଛି।

# ଗୁରୁତର ଛାତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ




ଚିକିତ୍ସାଧୀନ ଛାତ୍ରୀଙ୍କୁ ଭେଟୁଛନ୍ତି ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ।

ଗୋପାଳପୁର,୯।୯(ଡି.ଏନ.ଏ.)

ଗୋପାଳପୁର ଏନ୍ଏସି ଅଞ୍ଚଳର ଲିଜା ବେହେରା ଗତ ୭ ତାରିଖରେ ଛାତରୁ ଗୋଡ଼ ଖସି ତଳେ ପଡ଼ିଯାଇଥିଲେ। ତାଙ୍କ ଗୋଡ଼, ଅଣ୍ଟା ଭାଙ୍ଗିଯାଇ ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଆଣିଥିଲେ। ବର୍ତ୍ତମାନ ସେ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ବଡ଼ ମେଡିକାଲରେ ଲିଜାଙ୍କୁ ଭେଟି ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ପରିବାରକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଲିଜାଙ୍କର ଉତ୍ତମ ଚିକିତ୍ସା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାଶ, ବିନୋଦ କୁମାର ମହାଙ୍କୁଡ଼, ସମାଜସେବୀ ରାମହରି ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଲିଜା ଗୋପାଳପୁର ମହାବିଦ୍ୟାଳୟ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ବିଭାଗରେ ପଢୁଛନ୍ତି।

## ଗଣେଶ ବିସର୍ଜନ କରି ଫେରିବାବେଳେ ଓଲଟିଲା ଅଟୋ, ୭ ଆହତ

ଗଞ୍ଜାମ,୯।୯(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ବିକ୍ରମପୁରର ଯୁବକମାନେ ଶୁକ୍ରବାର ଗଣେଶ ମୂର୍ତ୍ତି ବିସର୍ଜନ କରି ଫେରୁଥିବା ବେଳେ ଡାଲା ଅଟୋ ଓଲଟି ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବିକ୍ରମପୁର ଗ୍ରାମର ଅଶୋକ ପହାନ, କୃଷ୍ଣ ବାରିକି, ଗୋପାଳ ବାରିକି, ଲିପୁ ପହାନ, ଅରୁଣ ପରିଡା, ଗୋପାଳ ପରିଡା, ଚନ୍ଦନ ବେହେରା। ଆହତଙ୍କ ମଧ୍ୟରୁ ଗୁରୁତର ଗୋପାଳ, ଲିପୁ ଓ ଅରୁଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧ୍ୟରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଥିବା ଜଣାପଡିଛି। ପ୍ରକାଶ ଯେ, ବିକ୍ରମପୁର ଗ୍ରାମର ୧୧ ଜଣ ଯୁବକ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଏକ ଡାଲା ଅଟୋରେ ସେହି ଗ୍ରାମର ବଟେଶ୍ୱର ମନ୍ଦିର ସ୍ଥିତ ବଙ୍ଗୋପସାଗର ବେଳାଭୂମି ଆସିଥିଲେ। ବିସର୍ଜନ କରି ଗ୍ରାମକୁ ଫେରିବାବେଳେ ନୀଳାଦ୍ରିପୁର ଗ୍ରାମକୁ ଯିବା ବୁଲାଣିଆ ରାସ୍ତାରେ ଅଟୋଟି ଏକ ଧାନକ୍ଷେତ ବିଲକୁ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ରାସ୍ତା ଦେଇ ଯାଉଥିବା ଖଗୁଆକୁଦା ଗ୍ରାମର ପ୍ରଦୀପ ଆହତମାନଙ୍କୁ ନିଜ ଅଟୋରେ ଆଣି ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅଟୋରେ ବସିଥିବା ବ୍ୟକ୍ତି ସୂଚନା ଦେଇଛନ୍ତି।

## ଜୁଆ ଅଡ୍ଡାରେ ଚଢ଼ାଉ, ୩ ଗିରଫ

ପାତ୍ରପୁର,୯।୯(ଡିଏନ.ଏ):ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ମୁକୁନ୍ଦପୁର ଗ୍ରାମ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଶୁକ୍ରବାର ଚଢ଼ାଉ କରି ତିନି ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୨୧ ଶହ ଟଙ୍କା ସହ ୨ ବାଇକ ଓ ତିନି ଗୋଟି ମୋବାଇଲ ଫୋନ୍ ଜବତ ହୋଇଛି। ଗ୍ରାମର କେନାଲ ନିକଟରେ ଜୁଆ ଆଡ୍ଡା ଚାଲିଥିବା ନେଇ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୩ ଜଣ ଗିରଫ ହୋଇଥିବା ବେଳେ ଅନ୍ୟମାନେ ଚମ୍ପଟ ମାରିଛନ୍ତି।

## ଦୁର୍ଗା ପୂଜା ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ

ବୁଗୁଡା,୯।୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମରେ ଓଁ ଶ୍ରୀ ମା'ଦୁର୍ଗା ପୂଜା କମିଟି ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଆଗାମୀ ଶ୍ରୀଦୁର୍ଗାଦେବୀଙ୍କ ଷଷ୍ଠୀ ପୂଜା ଉପଲକ୍ଷେ ଶୁକ୍ରବାର ଗାଁର ବସଷ୍ଟାଣ୍ଡଠାରେ ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୋହିତ ଭାବେ ପ୍ରଦ୍ୟୁମ୍ନ ଖାଡ଼ଙ୍ଗା ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ଶ୍ରୀନାଥ ସାସମଲ ଦାୟିତ୍ୱ ନିର୍ବାହ କରିଥିଲେ।

## କାଶୀନଗରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଶିବିରରେ ଉପସ୍ଥିତ ଅତିଥି।

କାଶୀନଗର,୯।୯

କାଶୀନଗରର ଭେଙ୍କଟେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପଠାରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜେମ୍ସ ହସ୍ପିଟାଲ ତରଫରୁ ମାଗଣାରେ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଚିକିତ୍ସା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରକୁ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ଏନ୍ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ହସ୍ପିଟାଲ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାକୁ ଅନୁମତି ପାଇଛି। ଶିବିରରେ ସ୍ତ୍ରୀ ଓ ପ୍ରସୂତି ରୋଗ, ଚକ୍ଷୁ, କର୍ଣ୍ଣ, ନାସା, ଗଳା, ଚର୍ମ ରୋଗ, ଶିଶୁ ବିଭାଗର ଚିକିତ୍ସା କରାଯାଇଥିଲା। ଡା. ୟୁ.ଭି. ଦୁର୍ଗାରାଓ, ଡା. ଭି.ଭେଙ୍କଟତରୁଣ, ଏମ. ମନୋହର ଓ କର୍ମଚାରୀମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମୋଟ ୩୦୨ ଜଣଙ୍କ ଚିକିତ୍ସା କରାଯାଇଥିଲା। ଦୁରାରୋଗ୍ୟମାନଙ୍କୁ ଶ୍ରୀକାକୁଲମ ରାଜ୍ୟ ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ନିଆଯିବ ବୋଲି ପରିଚାଳକ ସୂଚନା ଦେଇଛନ୍ତି।

# ଗଜପତିରେ ୨୩.୯୮ମିମି ବର୍ଷା ରେକର୍ଡ

ପାରଳାଖେମୁଣ୍ଡି/ ଆର୍.ଉଦୟଗିରି, ୯।୯(ଡି.ଏନ୍.ଏ.)

ଲଘୁଚାପ ପ୍ରଭାବରେ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଲାଗି ରହିଛି। ପାରଳାଖେମୁଣ୍ଡି ସହର ସମେତ ଜିଲାର ଆର.ଉଦୟଗିରି, ରାୟଗଡ, ମୋହନା, ନୁଆଗଡ, ଗୋଷାଣୀ, କାଶୀନଗର ଓ ଗୁମ୍ମା ବ୍ଲକ ଅଞ୍ଚଳରେ ବର୍ଷା ଲାଗି ରହିଛି । ଆଜି ଦିନ ତମାମ ଝିପିଝିପି ଲଗାଣ ବର୍ଷା ଲାଗି ରହିଛି। ଜିଲାରେ ଶୁକ୍ରବାର ମୋଟ ୧୯୧.୮୦ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ୨୩.୯୮ମିମି ବର୍ଷା ହାର ହୋଇଥିବାର ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ଜଣାପଡିଛି । କାଶୀନଗର ବ୍ଲକରେ ୧୭.୦୦ମିମି, ପାରଳାଖେମୁଣ୍ଡି ସହରରେ ୨୮.୮୦ମିମି, ରାୟଗଡ ବ୍ଲକରେ ୬.୪୦ମିମି, ଗୁମ୍ମା ବ୍ଲକରେ ୬.୦୦ମିମି, ନୂଆଗଡ ବ୍ଲକରେ ୨୮.୪୦ମିମି, ଆର୍.ଉଦୟଗିରି ବ୍ଲକରେ ୪୮.୩୦ମିମି, ମୋହନା ବ୍ଲକରେ ୧୮.୬୦ମିମି, ଗୋଷାଣୀ ବ୍ଲକରେ ୩୮.୩୦ମିମି ଏପରି ଭାବେ ମୋଟ ୧୯୧.୮୦ମିମି ବର୍ଷା ହୋଇଥିବା ବେଳେ ଆନୁପାତିକ ଭାବେ ୨୩.୯୮ମିମି ବର୍ଷା ହୋଇଥିବାର ଜଣାପଡିଛି। ଲଗାଣ ବର୍ଷା ଓ ସାମାନ୍ୟ ପବନରେ ମୋହନା ବ୍ଲକର ଚନ୍ଦ୍ରଗିରି ଅଞ୍ଚଳରେ ବିରାଟ ଗଛ ଉପୁଡି ପଡିଯିବା ଦ୍ୱାରା ବିଦ୍ୟୁତ ତାର ଛିଣ୍ଡି ଯାଇଛି। ଗୁରୁବାର ଅପରାହ୍ନ ୩ରୁ ବିଦ୍ୟୁତ ସରବରାହ ବନ୍ଦ ରହି ଶୁକ୍ରବାର ୩ଟାରେ ଆସିଥିଲା। ବିଭାଗ କର୍ମଚାରୀମାନେ ବର୍ଷାରେ ମଧ ମରାମତି କରି ବିଦ୍ୟୁତ ଅଞ୍ଚଳରେ ଯୋଗାଇଦେବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି। ଏହି ନେଇ ଗୁରୁବାର ବିଦ୍ୟୁତ କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଚନ୍ଦ୍ରଗିରି ନିକଟରେ ଗଛ ବିଦ୍ୟୁତ ତାର ଉପରେ ପଡିଯାଇଥିବାରୁ ବିଦ୍ୟୁତ ନାହିଁ। ଏହା ଦ୍ୱାରା ଅଞ୍ଚଳର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଜଳ ଯୋଗାଣରେ ସମସ୍ୟା ଦେଖାଦେଇଛି।

# ଫୁଲବାଣୀରେ ହେବ ମହିଳା ଫୁଟବଲ ଏକାଡେମୀ

### ବଦଳିବ କ୍ରୀଡ଼ା ଛାତ୍ରାବାସ

ଫୁଲବାଣୀ ଅଫିସ, ୯।୯

ଦୀର୍ଘ ବର୍ଷ ଧରି କନ୍ଧମାଳ ଜିଲା ଫୁଲବାଣୀରେ ଚାଲିଥିବା କ୍ରୀଡ଼ା ଛାତ୍ରାବାସର ରୂପ ବଦଳିବ। ଏଠାରେ କ୍ରୀଡ଼ା ଛାତ୍ରବାସର ଆଉ ନାଁ ଗନ୍ଧ ରହିବ ନାହିଁ। ନୂତନ ଭାବେ ଏଠାରେ ମହିଳା ଫୁଟବଲ ଏକାଡେମୀ ହେବ । ରାଜ୍ୟର ବିଭିନ୍ନ ସ୍ଥାନରୁ ବଛା ବଛା ମହିଳା ଫୁଟବଲ ଖେଳାଳୀ ଏଠାରେ ସ୍ୱତନ୍ତ୍ର ଭାବେ ତାଲିମ ନେବେ। ଚଳିତ ସେସନରୁ ଏଠାରେ ନାମ ଲେଖା ଆରମ୍ଭ ହେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ଏଠାରେ ଥିବା ବିଭିନ୍ନ ଖେଳ ବିଭାଗର ଛାତ୍ରମାନଙ୍କୁ ଅନ୍ୟ ଜିଲାରେ ଥିବା ଏକାଡେମୀକୁ ନିଆଯିବାକୁ ନିଷ୍ପତ୍ତି ନିଆଯାଇଛି।

୨୦୧୧ ସେପ୍ଟେମ୍ବର ୯ରେ ଫୁଲବାଣୀଠାରେ କ୍ରୀଡ଼ା ଛାତ୍ରାବାସ ଖୋଲାଯାଇଥିଲା। ଏଠାରେ ତୀରନ୍ଦାଜ, ଆଥଲେଟିକ ଏବଂ ଫୁଟବଲ ଖେଳୁଥିବା ଛାତ୍ରମାନଙ୍କୁ ରଖାଯାଇ ତାଲିମ ଦିଆଯାଉଥିଲା। ବର୍ତ୍ତମାନ ସୁଦ୍ଧା ଏଠାରେ ତୀରନ୍ଦାଜରେ ୧୧, ଆଥଲେଟିକରେ ୯ ଏବଂ ଫୁଟବଲରେ ୯ ଜଣଙ୍କୁ ମିଶାଇ ୨୯ ଖେଳାଳି ଅଛନ୍ତି। କିନ୍ତୁ ଏଠାରେ ୬୭ ଜଣ ରହିବା ପାଇଁ ବ୍ୟବସ୍ଥା ଥିଲା । କୋଭିଡ ଯୋଗୁ ୨ ବର୍ଷ ହେଲା ସିଲେକଶନ ହୋଇ ନ ଥିବାରୁ ୨୯ ଜଣ ଅଛନ୍ତି । ସେମାନଙ୍କୁ ଏବେ ଅନ୍ୟ ଜିଲାକୁ ସ୍ଥାନାନ୍ତର କରାଯିବ । ତୀରନ୍ଦାଜ ଛାତ୍ରମାନେ କୋରାପୁଟ, ଆଥ୍‌ଲେଟିକ ଛାତ୍ର କଟକ ଏବଂ ଫୁଟବଲ ଛାତ୍ରମାନେ ଭବାନୀପାଟଣା ଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

ଅନ୍ୟପକ୍ଷରେ ନୂତନ ଭାବେ ହେବାକୁ ଥିବା ମହିଳା ଫୁଟବଲ ଏକାଡେମୀ ପାଇଁ ଆସନ୍ତା ଅକ୍ଟୋବରରୁ ଚୟନ ପ୍ରକ୍ରିୟା ଆରମ୍ଭ ହେବ । ରାଜ୍ୟର ବିଭିନ୍ନ ଜିଲାରୁ ବଛା ବଛା ୬୦ ଜଣ ଫୁଟବଲ ଖେଳୁଥିବା ଝିଅ ଆସି ଏହି ଏକାଡେମୀରେ ରହିବେ। ସେମାନଙ୍କ ପାଇଁ ଫିଜିଓ ଥେରାପିଷ୍ଟ, ୩ରୁ ୪ ପ୍ରଶିକ୍ଷକ(ପୁରୁଷ/ମହିଳା), ଡାକ୍ତର ଆଦି ରହିବେ । ପିଲାମାନେ କିପରି ରାଜ୍ୟ ତଥା ଦେଶରେ ସୁନାମ ଆଣିବେ, ସେଥିନେଇ ପ୍ରଚେଷ୍ଟା ଜାରି ରହିବାକୁ ସରକାର ଏହି ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ଖାଲି ଖେଳ ନୁହେଁ, ଛାତ୍ରମାନେ କିଭଳି ପାଠ ପଢ଼ିବେ ସେଥିନେଇ ମଧ ଦୃଷ୍ଟି ଦିଆଯାଉଛି । ରାଜ୍ୟ ସରକାର ଏ ସମସ୍ତ ପ୍ରକ୍ରିୟା ଲାଗି ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଚିଠି କରିଛନ୍ତି।




କ୍ରୀଡା ଛାତ୍ରାବାସ।

# ମୌଳିକ ସୁବିଧାରୁ ବଞ୍ଚିତ ଗଙ୍ଗାବାଡ଼ ଗ୍ରାମବାସୀ

ପାରଳାଖେମୁଣ୍ଡି,୯।୯(ଡି.ଏନ୍.ଏ.)

ଘରୁ ଗୋଡ଼ କାଢିଲେ ଚାଲିବାକୁ ପଡ଼େ ମାଇଲ ମାଇଲ ବାଟ। ତାହା ପୁଣି ସୁଉଚ୍ଚ ପାହାଡ଼ିଆ ରାସ୍ତାରେ। ଗମନାଗମନର ସୁବିଧା ନ ଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ବାରମ୍ବାର ଅନୁରୋଧ ସତ୍ତ୍ୱେ ନିର୍ମାଣ ହୋଇପାରୁନି ପକ୍କାରାସ୍ତା। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ଗୋଷାଣୀ ବ୍ଲକ ଗଙ୍ଗାବାଡ ଗ୍ରାମରେ। ଆଦିବାସୀଙ୍କ ବିକାଶ ନିମନ୍ତେ ବହୁ ଯୋଜନାରେ କୋଟି କୋଟି ଅର୍ଥ ବ୍ୟୟ ହେଉଛି। ଦୁର୍ଗମ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନର ଛବି ପରିବର୍ତ୍ତିତ ହେଉଛି। ତେବେ ଏହି ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବାରୁ ଆଜି ବି ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ୭୦ରୁ ଊର୍ଦ୍ଧ୍ୱ ପରିବାର। ବାର୍ଦ୍ଧକ୍ୟ ଭତ୍ତା ତଥା ସାଧାରଣ ବଣ୍ଟନ ସାମଗ୍ରୀ ଆଣିବା ବହୁ କଷ୍ଟସାଧ୍ୟ, ଏତଦବ୍ୟତୀତ ଗର୍ଭବତୀ ଅବା ରୋଗୀଙ୍କ କଥା କହିଲେ ନ ସରେ। ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ବୁହା ହୋଇ ଯାଉଥିବା କୁହନ୍ତି ଗ୍ରାମବାସୀ। ଆଉ ଛାତ୍ରୀଛାତ୍ରଙ୍କ ଭଲ ପାଠ ପଢିବା ପାଇଁ ପ୍ରତ୍ୟେକ ଦିନ ଚାଲିବାକୁ ପଡେ ଦଶ କିଲୋମିଟର । ପୂର୍ବରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପାଦଚଲା ମାଟି ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ଗତ ତିତ୍‌ଲି ମହାବାତ୍ୟାରେ ସେହି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମରାମତି କିମ୍ବା ପୂର୍ଣ୍ଣ ନିର୍ମାଣ ହୋଇନାହିଁ। ଫଳରେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଡିଓ ନୀଳମାଧବ ମାଝି ଏବଂ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚଳ ଖମ୍ବାରିଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ରଖିନାହାନ୍ତି।



ବିପର୍ଯ୍ୟସ୍ତ ରାସ୍ତା

